**ଦ୍ୱିତୀୟ ଅଧ୍ୟାୟ**

# ସନ୍ଧି

**୨.୧** ୧. **ହିମାଳୟ** ପର୍ବତ ଭାରତବର୍ଷର ଉତ୍ତର ଦିଗରେ ଅବସ୍ଥିତ ।

୨. ଏହି ପର୍ବତ **'ବ୍ରହ୍ମର୍ଷି'** ତଥା **'ଦେବର୍ଷି'** ମାନଙ୍କର ତପସ୍ୟାସ୍ଥଳୀ ଅଟେ ।

୩. ଏ ଋଷିସକଳ **'ସଦାଚାର'** ସମ୍ପନ୍ନ ଅଟନ୍ତି ଓ ସର୍ବଦା **'ଜଗଦୀଶ୍ୱର'**ଙ୍କ ଚିନ୍ତାରେ ନିମଗ୍ନ ରହିଥାନ୍ତି ।

୪. ଗଙ୍ଗାନଦୀ ମଧ୍ୟ ଏହି ପର୍ବତରୁ **'ନିର୍ଗତ'** ହୋଇଅଛି ।

୫. **'ଜଗଜ୍ଜନ'**ଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସେ **'ନିରନ୍ତର'** ଦୀର୍ଘପଥ ଅତିକ୍ରମ କରି ବହିଚାଲିଛି ।

ଆସ ଉପର ବାକ୍ୟ ଗୁଡ଼ିକର ବଡ଼ ଅକ୍ଷରରେ ଲେଖାଯାଇଥିବା ଶବ୍ଦଗୁଡ଼ିକ ବିଷୟରେ ଆଲୋଚନା କରିବା ।

| | |
|---|---|
| ହିମାଳୟ = ହିମ + ଆଳୟ | ବ୍ରହ୍ମର୍ଷି = ବ୍ରହ୍ମ + ଋଷି |
| ଦେବର୍ଷି = ଦେବ + ଋଷି | ସଦାଚାର = ସତ୍ + ଆଚାର |
| ଜଗଦୀଶ୍ୱର = ଜଗତ୍ + ଈଶ୍ୱର | ନିର୍ଗତ = ନିଃ + ଗତ |
| ଜଗଜ୍ଜନ = ଜଗତ୍ + ଜନ | ନିରନ୍ତର = ନିଃ + ଅନ୍ତର |

ଏବେ ଆମେ ଦେଖିଲେ ଯେ ପ୍ରତ୍ୟେକ ଶବ୍ଦ ଦୁଇଟି ଲେଖାଏଁ ଶବ୍ଦର ମିଳନରେ ଗଠିତ ହୋଇଛି । ଏହି ମିଳନକୁ ଲକ୍ଷ୍ୟକଲେ ଜଣାଯାଏ ଯେ ଏଥିରେ ଥିବା ପୂର୍ବଶବ୍ଦର ଶେଷବର୍ଣ୍ଣଟି ପର ଶବ୍ଦର ପ୍ରଥମ ବର୍ଣ୍ଣ ସହିତ ମିଳିତ ହୋଇଛି ବା ବର୍ଣ୍ଣ ଦୁଇଟି ପରସ୍ପର ସହିତ ମିଶି ଯାଇଛନ୍ତି । ଏ ପ୍ରକାର ମିଳନକୁ ସନ୍ଧି କୁହଯାଏ । ଏଥିରୁ ଆମେ ଜାଣିଲେ;

**ପରସ୍ପର ସନ୍ନିହିତ ପୂର୍ବପଦର ଶେଷବର୍ଣ୍ଣ ଓ ପରପଦର ପ୍ରଥମବର୍ଣ୍ଣର ମିଳନକୁ ସନ୍ଧି କୁହାଯାଏ ।**

ସନ୍ଧି ତିନି ପ୍ରକାରର ଯଥା :- ସ୍ୱରସନ୍ଧି, ବ୍ୟଞ୍ଜନ ସନ୍ଧି ଓ ବିସର୍ଗ ସନ୍ଧି ।

## ୨.୨ ସ୍ୱରସନ୍ଧି :

ଋଷି **କମଳାସନ**ରେ ବସିଛନ୍ତି ।

**ରବୀନ୍ଦ୍ର** ଘରକୁ ଯାଉଛି ।

କମଳାସନ = କମଳ + ଆସନ

ରବୀନ୍ଦ୍ର = ରବି + ଇନ୍ଦ୍ର

ଉପରେ ଦିଆଯାଇଥିବା କମଳର ଶେଷବର୍ଣ୍ଣ ହେଉଛି (ଳ୍+ଅ) ଅର୍ଥାତ୍ **'ଅ'** ଓ ଆସନର ପ୍ରଥମ ବର୍ଣ୍ଣ ହେଉଛି 'ଆ' । ଏହି 'ଅ' ସହିତ 'ଆ'ର ମିଳନ ଘଟି 'ଆ' ହୋଇଛି । ସୃଷ୍ଟ 'ଆ' ଧ୍ୱନିଟି ପୂର୍ବବର୍ଣ୍ଣରେ ସଂଯୁକ୍ତ ହୋଇଛି ।

ସେହିପରି 'ରବି'ର ଶେଷବର୍ଣ୍ଣ ହେଉଛି 'ଇ' । ଏଠାରେ 'ଇନ୍ଦ୍ର' ସହିତ ଥିବା 'ଇ'ର ମିଳନ ଘଟି 'ଈ' ଜାତ ହୋଇଛି ଓ ପୂର୍ବବର୍ଣ୍ଣରେ ଯୁକ୍ତ ହୋଇଛି । ଆମେ ଦେଖିଲେ ଯେ ଉଭୟସ୍ଥାନରେ ସ୍ୱରବର୍ଣ୍ଣ ସହ ସ୍ୱରବର୍ଣ୍ଣର ମିଳନ ଘଟିଛି । ଏଥିରୁ ଜଣାଗଲା ଯେ –

**ପରସ୍ପର ସନ୍ନିହିତ ପୂର୍ବପଦର ଶେଷ ସ୍ୱରବର୍ଣ୍ଣ ସହିତ ପରପଦର ପ୍ରଥମ ସ୍ୱରବର୍ଣ୍ଣର ମିଳନକୁ ସ୍ୱରସନ୍ଧି କୁହାଯାଏ ।**

ଏହି ସ୍ୱରସନ୍ଧିର ବିଭିନ୍ନ ରୂପକୁ ଆସ ଦେଖିବା ।

୧. (କ) ଅ+ଅ = ଆ

ଦେବ+ଅସୁର = ଦେବାସୁର,

ଶ୍ୱେତ+ଅମ୍ବର = ଶ୍ୱେତାମ୍ବର

ନୀଳ+ଅଚଳ = ନୀଳାଚଳ

ଗ୍ରାମ+ଅଞ୍ଚଳ = ଗ୍ରାମାଞ୍ଚଳ

ଅସ୍ତ+ଅଚଳ = ଅସ୍ତାଚଳ

(ଖ) ଅ+ଆ = ଆ

ସିଂହ+ଆସନ = ସିଂହାସନ

ଗୁଣ+ଆକର = ଗୁଣାକର

ଉଚ୍ଚ+ଆସନ = ଉଚ୍ଚାସନ

(ଗ) ଆ+ଅ = ଆ

ଚିତା + ଅନଳ = ଚିତାନଳ

ସୁଧା + ଅଂଶୁ – ସୁଧାଂଶୁ

(ଘ) ଆ + ଆ = ଆ

ବିଦ୍ୟା + ଆଳୟ = ବିଦ୍ୟାଳୟ

ସୁଧା + ଆକର = ସୁଧାକର

ଉପର ଆଲୋଚନାରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ଅ' ବା 'ଆ' ଥିଲେ ଦୁହେଁ ମିଶି 'ଆ' ହୁଅନ୍ତି ।**

**ଏହି 'ଆ' 'ଆ'କାର (।) ହୋଇ ପୂର୍ବବର୍ଣ୍ଣ ସହିତ ସଂଯୁକ୍ତ ହୁଏ ।**

୨. (କ) ଇ+ଇ = ଈ

ଯତି+ଇନ୍ଦ୍ର = ଯତୀନ୍ଦ୍ର, ଅତି+ଇବ = ଅତୀବ

(ଖ) ଇ+ଈ = ଈ

ପରି+ଈକ୍ଷା = ପରୀକ୍ଷା

ମୁନି+ଈଶ୍ୱର = ମୁନୀଶ୍ୱର

(ଗ) ଈ+ଇ = ଈ

ମହୀ+ଇନ୍ଦ୍ର = ମହୀନ୍ଦ୍ର

ଶଚୀ+ଇନ୍ଦ୍ର = ଶଚୀନ୍ଦ୍ର

(ଘ) ଈ+ଈ = ଈ

ମହୀ+ଈଶ୍ୱର = ମହୀଶ୍ୱର

ଅବନୀ+ଈଶ = ଅବନୀଶ

ଏଥିରୁ ଜଣାଗଲା ଯେ,

**'ଇ' ବା 'ଈ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି (ଦୀର୍ଘ) 'ଈ' ହୁଅନ୍ତି ।**

**ଏହି 'ଈ' ଟି 'ଈ' କାର(ୀ) ରୂପରେ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ।**

୩. (କ) ଉ+ଉ = ଊ

ସୁ+ଉକ୍ତି = ସୂକ୍ତି

ସାଧୁ+ଉଦ୍ୟମ = ସାଧୂଦ୍ୟମ

ସାଧୁ+ଉପଦେଶ = ସାଧୂପଦେଶ

(ଖ) ଉ+ଊ = ଊ

ସିନ୍ଧୁ+ଊର୍ମି - ସିନ୍ଧୂର୍ମି,

ଲଘୁ+ଊର୍ମି = ଲଘୂର୍ମି

(ଗ) ଊ+ଉ = ଊ

ବଧୂ+ଉକ୍ତି = ବଧୂକ୍ତି

(ଘ) ଊ+ଊ = ଊ

ଭୂ+ଊର୍ଦ୍ଧ୍ୱ = ଭୂର୍ଦ୍ଧ୍ୱ

ଏଥିରୁ ଜଣାଗଲା ଯେ,

**'ଉ' ବା 'ଊ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି (ଦୀର୍ଘ) 'ଊ' ହୁଅନ୍ତି ।**

**ଏହି 'ଊ' ଊକାର ( ୂ ) ହୋଇ ପୂର୍ବ–ବର୍ଣ୍ଣରେ ଯୁକ୍ତ ହୁଏ ।**

୪.  (କ)  ଅ+ଇ = ଏ

ଶୁଭ+ଇଚ୍ଛା = ଶୁଭେଚ୍ଛା

ସୁର+ଇନ୍ଦ୍ର = ସୁରେନ୍ଦ୍ର

(ଖ)  ଅ+ଈ = ଏ

ଗଣ+ଈଶ = ଗଣେଶ

ଦେବ+ଈଶ = ଦେବେଶ

(ଗ)  ଆ+ଇ = ଏ

ମହା+ଇନ୍ଦ୍ର = ମହେନ୍ଦ୍ର

ଯଥା+ଇଚ୍ଛା = ଯଥେଚ୍ଛା

(ଘ)  ଆ+ଈ = ଏ

ରମା+ଈଶ = ରମେଶ

ମହା+ଈଶ୍ୱର = ମହେଶ୍ୱର

ଏଥିରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି 'ଏ' ହୁଅନ୍ତି ।**

**ଏହି 'ଏ' ଧ୍ୱନିଟି 'ଏ'କାର (େ) ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

୫.  (କ)  ଅ+ଉ = ଓ

ଲମ୍ବ+ଉଦର = ଲମ୍ବୋଦର

ପୁରୁଷ+ଉତ୍ତମ = ପୁରୁଷୋତ୍ତମ

(ଖ)  ଅ+ଊ = ଓ

ନବ+ଊଢ଼ା (ନବ ବିବାହିତା) = ନବୋଢ଼ା

ଚଳ+ଊର୍ମି = ଚଳୋର୍ମି

(ଗ)  ଆ+ଉ = ଓ

ମହା+ଉଦଧି = ମହୋଦଧି

ଗଙ୍ଗା+ଉଦକ = ଗଙ୍ଗୋଦକ

(ଘ)  ଆ+ଊ = ଓ

ମହା+ଊର୍ମି = ମହୋର୍ମି

ଏଥିରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି 'ଓ' ହୁଅନ୍ତି ।**

**ଏ 'ଓ' ଧ୍ୱନିଟି 'ଓ' କାର (ୋ) ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

୬. (କ) ଅ+ର = ଅର୍

ସପ୍ତ+ଋଷି = ସପ୍ତର୍ଷି

ଦେବ+ଋଷି = ଦେବର୍ଷି

(ଖ) ଆ+ର = ଅର୍

ରାଜା+ଋଷି = ରାଜର୍ଷି

ମହା+ଋଷି = ମହର୍ଷି

ଏଥିରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ର' ଥିଲେ ଦୁହେଁ ମିଶି 'ଅର୍' ହୁଅନ୍ତି ।**

**ଏହି 'ଅର୍'ର 'ଅ' ପୂର୍ବବର୍ଣ୍ଣରେ ଓ 'ର୍' ରେଫ୍ (ର୍ଁ) ହୋଇ ପରବର୍ଣ୍ଣରେ ଯୁକ୍ତ ହୁଏ ।**

୭. (କ) ଅ+ଏ = ଐ

ହିତ+ଏଷୀ - ହିତୈଷୀ

ଜନ+ଏକ = ଜନୈକ

(ଖ) ଅ +ଐ = ଐ

ଅତୁଳ+ଐଶ୍ୱର୍ଯ୍ୟ = ଅତୁଳୈଶ୍ୱର୍ଯ୍ୟ

(ଗ) ଆ+ଏ = ଐ

ତଥା+ ଏବ = ତଥୈବ

(ଘ) ଆ+ଐ = ଐ

ମହା+ଐଶ୍ୱର୍ଯ୍ୟ = ମହୈଶ୍ୱର୍ଯ୍ୟ

ଏଥିରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ଏ' ବା 'ଐ' ଥିଲେ ଦୁହେଁ ମିଶି 'ଐ', ହୁଅନ୍ତି ।**

**ଏହି 'ଐ' ଐକାର(ୈ) ହୋଇ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ।**

୮. (କ) ଅ+ଓ = ଔ

ଜଳ+ଓଘ(ତରଙ୍ଗ) = ଜଳୌଘ

(ବ୍ୟତିକ୍ରମ-ବିମ୍ବ+ଓଷ୍ଠ = ବିମ୍ବୋଷ୍ଠ)

(ଖ) ଅ+ଔ =ଔ

ବନ+ଔଷଧି = ବନୌଷଧି

(ଗ) ଆ+ଓ = ଔ

ମହା+ଓଜ(ତେଜ) = ମହୌଜ

(ଘ) ଆ+ଔ = ଔ

ମହା+ଔଷଧ = ମହୌଷଧ

ଏଥିରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ଓ' ବା 'ଔ' ଥିଲେ ଦୁହେଁ ମିଶି 'ଔ' ହୁଅନ୍ତି ।**

**ଏହି 'ଔ', ଔ'କାର ( ୌ ) ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

୯. (କ) ଇ+ଅ = ୟ

ପ୍ରତି+ଅହ = ପ୍ରତ୍ୟହ

(ଖ) ଇ+ଆ = (ୟ+ଆ) = ୟା,

ଇତି+ଆଦି = ଇତ୍ୟାଦି

(ଗ) ଈ+ଅ = ୟ

ସୂଚି+ଅଗ୍ର = ସୂଚ୍ୟଗ୍ର

(ଘ) ଈ+ଉ = (ୟ+ଉ)=ୟୁ

(ଅଭି+ଉଦୟ = ଅଭ୍ୟୁଦୟ)

ଏଥିରୁ ଆମେ ଜାଣିଲେ ଯେ,

**'ଇ' ବା 'ଈ' ପରେ 'ଇ' ବା 'ଈ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣଥିଲେ 'ଇ' ବା 'ଈ' ସ୍ଥାନରେ 'ୟ' ହୁଏ । ଏହି 'ୟ' ଓ ପରବର୍ତ୍ତୀ ସ୍ୱରବର୍ଣ୍ଣ ମିଳିତ ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଅନ୍ତି ।**

୧୦. ଉ+ଅ= ୱ

ଅନୁ+ଅୟ = ଅନ୍ୱୟ

ଉ+ଏ= ୱ+ଏ = ୱେ

ଅନୁ+ଏଷଣ = ଅନ୍ୱେଷଣ

ଉ+ଆ = ୱ+ଆ = ୱା

ସୁ+ଆଗତ = ସ୍ୱାଗତ

ବହୁ+ଆଡ଼ମ୍ବର = ବହ୍ୱାଡ଼ମ୍ବର

ବଧୂ+ଆଦି = ବଧ୍ୱାଦି

ଏଥିରୁ ଜଣାଗଲା ଯେ,

**'ଉ' ବା 'ଊ' ପରେ 'ଉ' ବା 'ଊ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ 'ଉ' ବା 'ଊ' ସ୍ଥାନରେ 'ୱ' ହୁଏ । ଏହି 'ୱ' ଓ ପରବର୍ତ୍ତୀ ସ୍ୱରବର୍ଣ୍ଣ ମିଳିତ ହୋଇ ପୂର୍ବବର୍ଣ୍ଣରେ ଯୁକ୍ତ ହୁଅନ୍ତି ।**

୧୧. ଏ+ଅ= ଅୟ

ନେ+ଅନ = ନୟନ

ଐ+ଅ= ଆୟ

ନୈ+ଅକ = ନାୟକ

ଗୈ+ଅକ = ଗାୟକ

ଏଥିରୁ ଆମେ ଜାଣିଲେ ଯେ,

**'ଏ' ବା 'ଐ' ପରେ ଅନ୍ୟ ସ୍ୱରବର୍ଣ୍ଣ ଥିଲେ 'ଏ' ସ୍ଥାନରେ 'ଅୟ' ଓ 'ଐ' ସ୍ଥାନରେ 'ଆୟ' ହୁଏ । ଏହି 'ଅୟ' ଓ 'ଆୟ' ସହିତ ପରବର୍ତ୍ତୀ ସ୍ୱରବର୍ଣ୍ଣ ଯୁକ୍ତ ହୁଏ ।**

୧୨. ଓ+ଅ = ଅବ୍

ଭୋ+ଅନ = ଭବନ

ପୋ+ଅନ = ପବନ

ଔ+ଉ = ଅବ୍+ଉ = ଆବୁ

ଭୌ+ଉକ = ଭାବୁକ

ଏଥିରୁ ଜଣାଗଲା ଯେ,

**'ଓ' ବା 'ଔ' ପରେ ଅନ୍ୟ ସ୍ୱରବର୍ଣ୍ଣ ଥିଲେ 'ଓ' ସ୍ଥାନରେ 'ଅବ୍' ଓ 'ଔ' ସ୍ଥାନରେ 'ଆବ୍' ହୁଏ । ଏହି 'ଅବ୍' ଓ 'ଆବ୍' ସହିତ ପରବର୍ତ୍ତୀ ସ୍ୱର ଯୁକ୍ତ ହୁଏ ।**

ବ୍ୟତିକ୍ରମ - (ଗୋ+ଅକ୍ଷ = ଗବାକ୍ଷ)

## ୨.୩ ବ୍ୟଞ୍ଜନ ସନ୍ଧି :

(କ) **'ସଚ୍ଚରିତ୍ର'** ହେଉଛି ଶିଷ୍ୟର ଶ୍ରେଷ୍ଠ ଭୂଷଣ ।

(ଖ) ଶ୍ୱେତକେତୁଙ୍କୁ ଶିକ୍ଷାଦାନ କରିବା ପାଇଁ ଉଦ୍ଦାଳକ **'ସଦିଚ୍ଛା'** ପ୍ରକାଶ କରିଥିଲେ ।

ଆସ ଉପରବାକ୍ୟ ଗୁଡ଼ିକରେ ଥିବା ବଡ଼ ଅକ୍ଷରର ଶବ୍ଦଗୁଡ଼ିକୁ ଦେଖିବା ।

ସଚ୍ଚରିତ୍ର=ସତ୍+ଚରିତ୍ର

ସଦିଚ୍ଛା = ସତ୍ + ଇଚ୍ଛା ।

ଶବ୍ଦ ଦୁଇଟି ଏହି ଧାରାରେ ଗଠିତ ହୋଇଛି । 'ସଚ୍ଚରିତ୍ର'ରେ (ତ୍+ଚ) ଅର୍ଥାତ ପୂର୍ବପଦ 'ସତ୍'ର ଶେଷବର୍ଣ୍ଣ 'ତ୍' ଓ ପରପଦ 'ଚରିତ୍ର'ର ପ୍ରଥମବର୍ଣ୍ଣ 'ଚ' ଦୁଇଟି ବ୍ୟଞ୍ଜନ ବର୍ଣ୍ଣର ମିଳନ ଘଟିଛି ।

ସେହିପରି 'ସଦିଚ୍ଛା' ଶବ୍ଦରେ (ତ୍+ଇ) ଅର୍ଥାତ ପୂର୍ବପଦ 'ସତ୍'ର ଶେଷବର୍ଣ୍ଣ 'ତ୍' ସହିତ ପରପଦ 'ଇଚ୍ଛା'ର ପ୍ରଥମବର୍ଣ୍ଣ 'ଇ'ର ମିଳନ ଘଟିଛି । ଏଠାରେ ବ୍ୟଞ୍ଜନ ବର୍ଣ୍ଣସହ ସ୍ୱରବର୍ଣ୍ଣର ମିଳନ ଘଟିଛି ।

ଏଥିରୁ ଜଣାଗଲା ଯେ,

**ପରସ୍ପର ସନ୍ନିହିତ ପୂର୍ବପଦର ଶେଷ ବ୍ୟଞ୍ଜନ ବର୍ଣ୍ଣ ସହିତ ପରପଦର ପ୍ରଥମ ବ୍ୟଞ୍ଜନ ବର୍ଣ୍ଣ ବା ସ୍ୱରବର୍ଣ୍ଣର ମିଳନକୁ ବ୍ୟଞ୍ଜନ ସନ୍ଧି କହନ୍ତି ।**

ନିମ୍ନରେ ଏହାର ବିଭିନ୍ନ ରୂପ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ଆସ ସେଗୁଡ଼ିକୁ ଜାଣିବା ।

୧. ଦିକ୍ + ଅନ୍ତ = ଦିଗନ୍ତ — ବାକ୍+ଈଶ = ବାଗୀଶ

ଉତ୍+ଯାପନ = ଉଦ୍‌ଯାପନ — ଣିଚ୍+ଅନ୍ତ = ଣିଜନ୍ତ

ଦିକ୍+ଗଜ = ଦିଗ୍‌ଗଜ — ଦିକ୍+ବଳୟ = ଦିଗ୍‌ବଳୟ

ଉତ୍+ଘାଟନ = ଉଦ୍‌ଘାଟନ — ଜୟତ୍+ରଥ = ଜୟଦ୍ରଥ

**ବ୍ୟଞ୍ଜନ ବର୍ଣ୍ଣ ପରେ ସ୍ୱରବର୍ଣ୍ଣ, ବର୍ଗର ତୃତୀୟ ଚତୁର୍ଥ ବର୍ଣ୍ଣ କିମ୍ବା ଯ, ର, ଲ, ବ, ହ ଥିଲେ ପୂର୍ବପଦର ଶେଷରେ ଥିବା ପ୍ରତିବର୍ଗର ପ୍ରଥମବର୍ଣ୍ଣ ସ୍ଥାନରେ ସେହିବର୍ଗର ତୃତୀୟବର୍ଣ୍ଣ ହୁଏ ।**

ଏହି ସୂତ୍ରରେ ବାଗାଡ଼ମ୍ବର, ଉଦ୍‌ବେଗ, ସଦ୍‌ବଚନ, ଭବଦୀୟ, ସଦାନନ୍ଦ ଆଦି ଶବ୍ଦ ଗୁଡ଼ିକ ମଧ୍ୟ ଗଢ଼ାଯାଇପାରିବ ।

ବ୍ୟତିକ୍ରମ - (ଯାବତ୍+ଇୟ=ଯାବତୀୟ)

୨. ଚଳତ୍+ଚିତ୍ର=ଚଳଚ୍ଚିତ୍ର (ତ୍+ଚ+ଇ) (ଚ୍+ଚ+ଇ) = ଚ୍ଚି

ଉତ୍+ଚାରଣ = ଉଚ୍ଚାରଣ, ଉତ୍+ଛନ୍ନ=ଉଚ୍ଛନ୍ନ (ତ୍+ଛ) = (ଚ+ଛ) = ଚ୍ଛ

ଉତ୍+ଛେଦ = ଉଚ୍ଛେଦ (ତ୍+ଛ+ଏ) = (ଚ୍+ଛ+ଏ) = ଚ୍ଛେ

ବିପଦ୍+ଚୟ = ବିପଚ୍ଚୟ (ଦ୍+ଚ) = (ଚ୍+ଚ) = ଚ୍ଚ

ତଦ୍+ଛବି = ତଚ୍ଛବି (ଦ୍+ଛ) = (ଚ୍+ଛ) = ଚ୍ଛ

**'ତ' ବା 'ଦ' ପରେ 'ଚ' ବା 'ଛ' ଥିଲେ 'ତ' ବା 'ଦ' ସ୍ଥାନରେ 'ଚ' ହୁଏ । ଏହି 'ଚ' ପରବର୍ତ୍ତୀ ବର୍ଣ୍ଣ ସହିତ ଯୁକ୍ତ ହୁଏ ।**

୩. ଉତ୍+ଜ୍ୱଳ=ଉଜ୍ଜ୍ୱଳ (ତ୍+ଜ) = (ଜ୍+ଜ+ୱ୍) = ଜଜ୍ୱ(ବା) = ଜ୍ଜ୍ୱ

ଜଗତ୍+ଜନନୀ = ଜଗଜ୍ଜନନୀ (ତ୍+ଜ୍) = (ଜ+ଜ) = ଜ୍ଜ

ବିପଦ୍+ଜନକ = ବିପଜ୍ଜନକ (ଦ୍+ଜ) = (ଜ୍+ଜ) = ଜ୍ଜ

ବୃହତ୍ + ଝଟିକା = ବୃହଜ୍ଝଟିକା (ତ୍+ଝ) = (ଜ୍+ଝ) = ଜ୍ଝ

ବିପଦ୍+ଝଟିକା = ବିପଦଝଟିକା (ଦ୍+ଝ୍) - (ଜ୍+ଝ୍) = ଜଝ୍

**'ତ' ବା 'ଦ' ପରେ 'ଜ' ବା 'ଝ' ଥିଲେ 'ତ' ବା 'ଦ' ସ୍ଥାନରେ 'ଜ୍' ହୁଏ ।**

**ଏ 'ଜ୍' ପରବର୍ତ୍ତୀ ବର୍ଣ୍ଣ ସହିତ ଯୁକ୍ତ ହୁଏ ।**

୪. ଉତ୍+ଡୀନ = ଉଡ୍‌ଡୀନ (ଉଡ୍ଡୀନ) (ତ୍+ଡ୍+ଈ) = (ଡ୍+ଡ୍+ଈ) = ଡ୍ଡୀ

ତଦ୍+ଡିଣ୍ଡିମ = ତଡ୍ଡିଣ୍ଡିମ (ଦ୍+ଡ୍+ଇ) = (ଡ୍+ଡ୍+ଇ) = ଡ୍‌ଡି, ଡ୍ଡି

**'ତ' ବା 'ଦ' ପରେ 'ଡ' ଥିଲେ 'ତ' ବା 'ଦ' ସ୍ଥାନରେ 'ଡ' ହୁଏ ।**

**ଏହି 'ଡ' ପରବର୍ତ୍ତୀ ବର୍ଣ୍ଣ ସହିତ ଯୁକ୍ତହୁଏ ।**

୫. ଉତ୍+ହାର = ଉଦ୍ଧାର

ତଦ୍+ହିତ = ତଦ୍ଧିତ

ଉତ୍+ହତ = ଉଦ୍ଧତ

**'ତ' ବା 'ଦ' ପରେ 'ହ' ଥିଲେ ଦୁହେଁ ମିଶି 'ଦ୍ଧ' ହୁଅନ୍ତି ।**

୬. ଉତ୍ + ଲେଖ = ଉଲ୍ଲେଖ

ତଦ୍ + ଲକ୍ଷଣ = ତଲ୍ଲକ୍ଷଣ

**'ତ' ବା 'ଦ' ପରେ 'ଲ' ଥିଲେ 'ତ' ବା 'ଦ' ସ୍ଥାନରେ 'ଲ' ହୁଏ ।**

**ଏହି 'ଲ୍' ପରବର୍ତ୍ତୀ 'ଲ' ସହିତ ମିଳିତ ହୁଏ ।**

୭. ଉତ୍ + ଶୃଙ୍ଖଳ = ଉଚ୍ଛୃଙ୍ଖଳ (ତ୍+ଶ୍+ର) = (ଚ୍+ଛ+ର) = ଚ୍ଛୃ

ଉତ୍+ଶ୍ୱାସ= ଉଚ୍ଛ୍ୱାସ (ତ୍+ଶ+ୱ୍ା) = (ଚ୍+ଛ୍+ୱ୍ା) = ଚ୍ଛ୍ୱା

ବିପଦ୍+ଶଙ୍କା = ବିପଚ୍ଛଙ୍କା (ଦ୍+ଶ) = (ଚ୍+ଛ) = ଚ୍ଛ

**'ତ' ବା 'ଦ' ପରେ 'ଶ' ଥିଲେ 'ତ୍' ବା 'ଦ୍' ସ୍ଥାନରେ 'ଚ୍' ହୁଏ ଓ 'ଶ' ସ୍ଥାନରେ 'ଛ' ହୁଏ । ଏହି 'ଚ୍' ଓ 'ଛ୍' ମିଶି 'ଚ୍ଛ' ହୁଅନ୍ତି ।**

୮. ଜଗତ୍+ନାଥ = ଜଗନ୍ନାଥ (ତ୍+ନ)= (ନ୍+ନ) = ନ୍ନ+ଆ = ନ୍ନା

ବାକ୍+ମୟ = ବାଙ୍ମୟ (ବାଙ୍ମୟ)

ମୃତ୍+ମୟ = ମୃଣ୍ମୟ

ଚିତ୍+ମୟ = ଚିନ୍ମୟ

ଜଗତ୍+ମୋହନ = ଜଗନ୍ମୋହନ

**ପରପଦର ପ୍ରଥମ ବର୍ଣ୍ଣ 'ନ' ବା 'ମ' ହୋଇଥିଲେ ପୂର୍ବପଦର ଶେଷବର୍ଣ୍ଣ ଯେଉଁ ବର୍ଗର ହୋଇଥାଏ; ତା' ସ୍ଥାନରେ ସେହିବର୍ଗର ପଞ୍ଚମ ବର୍ଣ୍ଣ ହୁଏ ଓ ତାହା ପରବର୍ତ୍ତୀ ବର୍ଣ୍ଣ ସହିତ ଯୁକ୍ତହୁଏ ।**

୯. ସମ୍+ଚୟ = ସଞ୍ଚୟ, ସଂଚୟ (ମ୍+ଚ) = (ଞ୍+ଚ) = ଞ୍ଚ

ସମ୍+ଜୟ = ସଞ୍ଜୟ, ସଂଜୟ

ସମ୍+ବାଦ = ସମ୍ବାଦ, ସଂବାଦ

ସମ୍+ଗ୍ରହ = ସଂଗ୍ରହ

ସମ୍+ବଳ = ସମ୍ବଳ, ସଂବଳ

**'ମ' ପରେ ଯେଉଁ ବର୍ଗର ବର୍ଣ୍ଣ ଥାଏ, 'ମ' ସ୍ଥାନରେ ସେହି ବର୍ଗର ପଞ୍ଚମବର୍ଣ୍ଣ ହୁଏ; ବିକଳ୍ପରେ 'ମ୍' ସ୍ଥାନରେ ଅନୁସ୍ୱାର(ଂ) ମଧ୍ୟ ହୋଇଥାଏ ।**

୧୦. ସମ୍+ସାର = ସଂସାର

ସମ୍+ଶୋଧନ = ସଂଶୋଧନ

ସମ୍+ରକ୍ଷଣ = ସଂରକ୍ଷଣ

ସମ୍+ହତି = ସଂହତି

**'ମ୍' ପରେ ଅବର୍ଗ୍ୟ ବର୍ଣ୍ଣଥିଲେ 'ମ୍' ସ୍ଥାନରେ ଅନୁସ୍ୱାର (ଂ) ହୁଏ ।**

୧୧. ତୁଷ୍ +ତ = ତୁଷ୍ଟ

ଷଷ୍+ଥ = ଷଷ୍ଠ

ଶିଷ୍+ତ = ଶିଷ୍ଟ

**'ଷ' ପରେ 'ତ' ଥିଲେ 'ତ' ସ୍ଥାନରେ 'ଟ' ଓ 'ଥ' ଥିଲେ 'ଥ' ସ୍ଥାନରେ 'ଠ' ହୁଏ ।**

---

୧୨. ସମ୍+କୃତି = ସଂସ୍କୃତି

ପରି+କାର = ପରିଷ୍କାର

ସମ୍+କାର = ସଂସ୍କାର

**'ସମ୍' ଓ 'ପରି' ଉପସର୍ଗ ପରେ 'କୃ' ଧାତୁ ନିଷ୍ପନ୍ନ କାର, କୃତି, କରଣ ପ୍ରଭୃତି ପଦ ରହିଲେ 'ସ୍' ବର୍ଣ୍ଣର ଆଗମନ ହୁଏ ଏବଂ ତାହା ପରବର୍ତ୍ତୀ ବର୍ଣ୍ଣ ସହିତ ଯୁକ୍ତହୁଏ । ସ୍ଥଳ ବିଶେଷରେ 'ସ' ଷ'ତ୍ୱବିଧି ଅନୁଯାୟୀ 'ଷ'ରେ ପରିଣତ ହୁଏ ।**

୧୩. ଆପଦ୍+କାଳ = ଆପତ୍‌କାଳ (ଆପତ୍କାଳ)

ତଦ୍+ପର = ତତ୍‌ପର (ତତ୍ପର)

କ୍ଷୁଧ୍+ପିପାସା = କ୍ଷୁତ୍‌ପିପାସା

**'ଦ୍' ଓ 'ଧ୍' ପରେ କ, ଖ, ପ, ଫ, ସ ମଧ୍ୟରୁ କୌଣସି ଗୋଟିଏ ବର୍ଣ୍ଣ ରହିଲେ 'ଦ୍' ବା 'ଧ୍' - 'ତ'ରେ ପରିଣତ ହୁଏ ।**

୧୪. ଅନୁ+ଛେଦ = ଅନୁଚ୍ଛେଦ

ପରି+ଛଦ = ପରିଚ୍ଛଦ

ବି+ଛେଦ = ବିଚ୍ଛେଦ

ଆ+ଛାଦନ = ଆଚ୍ଛାଦନ

**'ଛ' ପରେ ଥିଲେ ପୂର୍ବପଦର ଅନ୍ତସ୍ଥିତ ସ୍ୱରବର୍ଣ୍ଣ ପରେ 'ଚ୍'ର ଆଗମ ହୁଏ । ଏହି 'ଚ୍' ଓ ପରବର୍ତ୍ତୀ 'ଛ' ମିଶି 'ଚ୍ଛ' ହୁଅନ୍ତି ।**

## ୨.୪ ବିସର୍ଗ ସନ୍ଧି :

| | |
|---|---|
| ପ୍ରାତ**ର୍** = ପ୍ରାତ**ଃ** | ଅନ୍ତ**ର୍** = ଅନ୍ତ**ଃ** |
| ଦୁର୍ = ଦୁ**ଃ** | ନି**ର୍** = ନି**ଃ** |
| ମନ**ସ୍** = ମନ**ଃ** | ଯଶ**ସ୍** = ଯଶ**ଃ** |
| ତେଜ**ସ୍** = ତେଜ**ଃ** | ରଜ**ସ୍** = ରଜ**ଃ** |

ଉପର ଶବ୍ଦଗୁଡ଼ିକୁ ଆମେ ଲକ୍ଷ୍ୟକଲେ ଜଣାପଡୁଛି ଯେ 'ର୍' ଆଉ 'ସ୍' ହେଉଛନ୍ତି ବିସର୍ଗ(ଃ)ର ଗୋଟିଏ ଗୋଟିଏ ରୂପ ।

(କ) ଗୁରୁ ଶିଷ୍ୟର ଗତିବିଧିକୁ **ନିରୀକ୍ଷଣ** କଲେ ।

(ଖ) କର୍ତ୍ତବ୍ୟରେ ଅବହେଳା କଲେ ପଛରେ **ମନସ୍ତାପ** କରିବାକୁ ପଡ଼େ ।

ଆସ, ଉପର ବାକ୍ୟ ଦୁଇଟିରେ ଥିବା ବଡ଼ ଅକ୍ଷର ବିଶିଷ୍ଟ ଶବ୍ଦ ଦୁଇଟିର ଗଠନ ପ୍ରଣାଳୀକୁ ଦେଖିବା ।

ନିରୀକ୍ଷଣ = ନିଃ+ଈକ୍ଷଣ (ନିଃ = ନିର୍+ଈକ୍ଷଣ) = (ର୍+ଈ) = ରୀ

ମନସ୍ତାପ = ମନଃତାପ (ମନଃ = ମନସ୍+ତାପ) = (ସ୍+ତା) = ସ୍ତା

ଏଥିରେ ଆମେ ଦେଖିଲେ ଯେ ପ୍ରଥମଶବ୍ଦ 'ନିରୀକ୍ଷଣ'ରେ ପୂର୍ବପଦର ଶେଷରେ ଥିବା 'ଃ' ସହିତ ପରପଦର ଆଦ୍ୟ ବର୍ଣ୍ଣ 'ଇ' ବା ସ୍ୱରବର୍ଣ୍ଣର ମିଳନ ହେଲା । ସେହିପରି ଦ୍ୱିତୀୟଶବ୍ଦ 'ମନସ୍ତାପ'ରେ ପୂର୍ବପଦର ଶେଷରେ ଥିବା 'ଃ' ସହିତ ପରପଦର ଆଦ୍ୟରେ ଥିବା 'ତ' ବା ବ୍ୟଞ୍ଜନ ବର୍ଣ୍ଣର ମିଳନ ହେଲା । ଏଥିରୁ ଜଣାଗଲା ଯେ,

**ପୂର୍ବପଦର ଶେଷରେଥିବା ବିସର୍ଗ(ଃ) ସହିତ ପରପଦର ପ୍ରଥମରେ ଥିବା ସ୍ୱରବର୍ଣ୍ଣ ବା ବ୍ୟଞ୍ଜନ ବର୍ଣ୍ଣର ମିଳନ ହେଲେ ବିସର୍ଗ ସନ୍ଧି ହୁଏ ।**

ଆସ ନିମ୍ନରେ ପ୍ରଦତ୍ତ ହୋଇଥିବା ତା'ର ବିଭିନ୍ନ ରୂପକୁ ଦେଖିବା ।

୧. ନଭଃ+ଚର = ନଭଶ୍ଚର (ନଭଃ = ନଭସ୍+ଚର) = (ସ୍+ଚ) = (ଶ୍+ଚ) = ଶ୍ଚ

ନିଃ+ଚୟ = ନିଶ୍ଚୟ, ଦୁଃ+ଚିନ୍ତା=ଦୁଶ୍ଚିନ୍ତା

ଶିରଃ+ଛେଦ = ଶିରଶ୍ଛେଦ = (ଃ+ଛ) = (ସ୍+ଛ) = (ଶ+ଛ) = ଶ୍ଛ

ବିସର୍ଗ ପରେ 'ଚ' ବା 'ଛ' ଥିଲେ ବିସର୍ଗ ସ୍ଥାନରେ 'ଶ' ହୁଏ ।

୨. ଧନୁ+ଟଙ୍କାର =ଧନୁଷ୍ଟଙ୍କାର (ଃ+ଟ) = ଷ୍+ଟ) = ଷ୍ଟ

ବିସର୍ଗପରେ 'ଟ' ବା 'ଠ' ଥିଲେ ବିସର୍ଗସ୍ଥାନରେ 'ଷ' ହୁଏ ।

୩. ମନଃ+ତାପ=ମନସ୍ତାପ (ଃ+ତା) = (ସ୍+ତା) = ସ୍ତା

ଦୁଃ+ତର=ଦୁସ୍ତର(ଃ+ତ) = (ସ୍+ତ) = ସ୍ତ

ବିସର୍ଗ ପରେ 'ତ' ବା 'ଥ' ଥିଲେ ବିସର୍ଗ ସ୍ଥାନରେ 'ସ' ହୁଏ ।

---

**ଶିକ୍ଷକଙ୍କ ପାଇଁ ସୂଚନା:-** ପ୍ରତ୍ୟେକ ବର୍ଗର ପ୍ରଥମ ଓ ଦ୍ୱିତୀୟ ବର୍ଣ୍ଣ ଅର୍ଥାତ୍ - କ,ଖ, ଚ,ଛ, ଟ,ଠ, ତ,ଥ,ପ,ଫ ହେଉଛନ୍ତି ଅଘୋଷଧ୍ୱନି । 'ସ'-ରୂପୀ ହେଉ ବା 'ର' ରୂପୀ ହେଉ ଯେକୌଣସି ବିସର୍ଗ(ଃ) ପରେ ଉପର୍ଯ୍ୟୁକ୍ତ ଅଘୋଷଧ୍ୱନିର ବର୍ଣ୍ଣଥିଲେ ବିସର୍ଗ(ଃ) ସ୍ଥାନରେ 'ସ୍'"ର ଆଗମ ହୁଏ । ଏହି 'ସ' ସ୍ଥଳବିଶେଷରେ 'ଶ' ଓ 'ଷ' ମଧ୍ୟ ହୋଇପାରେ । ଆହୁରି ମନେରଖିବାକୁ ହେବ ଯେ - 'ସ'-ରୂପୀ ବିସର୍ଗ 'ସ' ହେବାରେ ପ୍ରତିବନ୍ଧକ ସୃଷ୍ଟି ହେଉନାହିଁ । କିନ୍ତୁ ବିଶେଷକରି ଦେଖିବାର କଥା ହେଉଛି 'ର୍'-ରୂପୀ ବିସର୍ଗର 'ସ୍'-କୁ ରୂପାନ୍ତର । ଉଦାହରଣ- ଦୁଃ=ଦୁର୍+ଚିନ୍ତା = ଦୁଶ୍ଚିନ୍ତା ଏଠାରେ 'ଦୁର୍ଚିନ୍ତା' ନ ହୋଇ 'ଦୁଶ୍ଚିନ୍ତା ହେଲା କାରଣ- 'ଚ' ହେଉଛି ଅଘୋଷ । ସେହିପରି - ନିଃ = ନିର୍+ଚ = ନିଶ୍ଚୟ । ଏଠାରେ ନିର୍ଚ୍ଚୟ ନହୋଇ ନିଶ୍ଚୟ ହେଲା । (ବ୍ୟତିକ୍ରମ = ଚତୁଃ+ଥ = ଚତୁର୍ଥ)

୪. ଶିରଃ+ବ୍ୟଥା = ଶିରୋବ୍ୟଥା　　　　ମନଃ+ବାଞ୍ଛା = ମନୋବାଞ୍ଛା

ମନଃ+ଯୋଗ = ମନୋଯୋଗ　　　　ମନଃ+ହର = ମନୋହର

ତତଃ+ଅଧିକ = ତତୋଧିକ　　　　ବୟଃ+ବୃଦ୍ଧି = ବୟୋବୃଦ୍ଧି

ତପଃ+ବନ = ତପୋବନ　　　　ମନଃ+ରଞ୍ଜନ = ମନୋରଞ୍ଜନ

ଅଧଃ+ଗତି = ଅଧୋଗତି　　　　ତେଜଃ+ମୟ = ତେଜୋମୟ

**ସ୍-ରୂପୀ ବିସର୍ଗ ପରେ ଅ, ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମବର୍ଣ୍ଣ କିମ୍ବା ଯ,ର,ଲ,ବ,ହ ଥିଲେ ବିସର୍ଗସ୍ଥାନରେ 'ଓ' ହୁଏ ।**

୫. ପୁନଃ+ଅପି = ପୁନରପି　　　　ପୁନଃ+ଆଗମନ = ପୁନରାଗମନ

ପୁନଃ+ମୂଷିକ = ପୁନର୍ମୂଷିକ　　　　ଅନ୍ତଃ+ଦାହ = ଅନ୍ତର୍ଦାହ

ନିଃ+ଜନ = ନିର୍ଜନ　　　　ନିଃ+ଦେଶ = ନିର୍ଦ୍ଦେଶ / ନିର୍ଦେଶ

ଦୁଃ+ଗତି = ଦୁର୍ଗତି　　　　ନିଃ+ଲୋଭ = ନିର୍ଲୋଭ

ଧନୁଃ+ବିଦ୍ୟା = ଧନୁର୍ବିଦ୍ୟା　　　　ଅନ୍ତଃ+ହିତ = ଅନ୍ତର୍ହିତ

ସ୍ୱଃ+ଗତ = ସ୍ୱର୍ଗତ　　　　ନିଃ+ଧନ = ନିର୍ଦ୍ଧନ, ନିର୍ଧନ

ମୁହୁଃ+ମୁହୁଃ = ମୁହୁର୍ମୁହୁଃ　　　　ଆୟୁଃ+ବେଦ = ଆୟୁର୍ବେଦ

**'ର୍' ରୂପୀ ବସର୍ଗପରେ ସ୍ୱରବର୍ଣ୍ଣ, ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମବର୍ଣ୍ଣ, ଯ,ର,ଲ,ବ,ହ ଥିଲେ ବିସର୍ଗସ୍ଥାନରେ 'ର' ହୁଏ ।**

୬. ନିଃ+ରସ = ନୀରସ

ଚକ୍ଷୁଃ+ରୋଗ = ଚକ୍ଷୂରୋଗ

ନିଃ+ରବ = ନୀରବ

**'ର୍' ରୂପୀ ବିସର୍ଗପରେ 'ର' ଥିଲେ ବିସର୍ଗରେ ଥିବା 'ର୍' ର ଲୋପହୁଏ ଓ ବିସର୍ଗ ପୂର୍ବବର୍ତ୍ତୀ ସ୍ୱରର ଦୀର୍ଘ ହୁଏ ।**

୭. ଅତଃ+ଏବ = ଅତଏବ

**ବିସର୍ଗ ପରେ 'ଅ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ ବିସର୍ଗର ଲୋପହୁଏ ।**

୮. ମନଃ+କାମନା = ମନସ୍କାମନା　　　　ଧନୁଃ+ପାଣି = ଧନୁଷ୍ପାଣି

ନିଃ+ଫଳ = ନିଷ୍ଫଳ　　　　ନମଃ+କାର = ନମସ୍କାର

ନିଃ+ପାପ = ନିଷ୍ପାପ　　　　ପୁରଃ+କାର = ପୁରସ୍କାର

**ବିସର୍ଗପରେ କ, ପ, ପ, ଫ ଆଦି ଥିଲେ ବିସର୍ଗ ସ୍ଥାନରେ 'ସ୍' ହୁଏ ।**

**ସ୍ଥଳ ବିଶେଷରେ ଏହି 'ସ୍' ଷତ୍ୱବିଧି ଅନୁସାରେ 'ଷ' ମଧ୍ୟ ହୁଏ ।**

ବ୍ୟତିକ୍ରମ -

ହରି+ଚନ୍ଦ୍ର = ହରିଶ୍ଚନ୍ଦ୍ର, ଏକ+ଦଶ = ଏକାଦଶ

ବାର+ବାର = ବାରମ୍ବାର ପର+ପର = ପରସ୍ପର

ଷଟ୍+ଦଶ = ଷୋଡ଼ଶ ଅହଃ+ଅହଃ = ଅହରହ

ବୃହତ୍+ପତି = ବୃହସ୍ପତି

## ଅନୁଶୀଳନୀ

୧. ସନ୍ଧି କାହାକୁ କହନ୍ତି ?

୨. ସ୍ୱର ସନ୍ଧି କାହାକୁ କହନ୍ତି ?

୩. ବ୍ୟଞ୍ଜନ ସନ୍ଧିର ସଂଜ୍ଞା ଲେଖ ।

୪. ବିସର୍ଗ ସନ୍ଧିର ଲକ୍ଷଣ କ'ଣ ?

୫. ସନ୍ଧି ବିଚ୍ଛେଦ କର :-

ଦେବର୍ଷି, ସଦାଚାର, ସୂଚ୍ୟଗ୍ର, ସ୍ୱାଗତ, ଗାୟକ

ଉଜ୍ଜ୍ୱଳ, ଜଗନ୍ନାଥ, ଶିଷ୍ଟ, ଧନୁଷ୍ଟଙ୍କାର,

ମନୋବାଞ୍ଛା, ସ୍ୱର୍ଗତ, ନିର୍ଦ୍ଦେଶ ।

୬. ସନ୍ଧିକର -

| | |
|---|---|
| ପ୍ରତି+ଅହ, | ଦିକ୍+ଅନ୍ତ |
| ସମ୍+ହତି | ଧନୁଃ+ପାଣି |
| ମହା+ଉଦଧି | ଅନୁ+ଏଷଣ |
| ଉତ୍+ଛେଦ | ତତଃ+ଅଧିକ |
| ରାଜା+ଋଷି | ଭୌ+ଉକ, |
| ଉତ୍+ହାର | ମୁହୁଃ+ମୁହୁଃ |

୭. ଭ୍ରମ ସଂଶୋଧନ କର ।

ଯତିନ୍ଦ୍ର, ବାଗିଶ, ଉଲାସ, ଉଶୃଙ୍ଖଳ, ବିଛେଦ, ଶିରଛେଦ, ମନରଞ୍ଜନ ।

୮. ନିମ୍ନଲିଖିତ ପ୍ରତିଧାଡ଼ିରେ ଥିବା ଭିନ୍ନଧର୍ମୀ ଶବ୍ଦଟିକୁ ବାଛ ।

(କ) ଅସ୍ତାଚଳ, ନୀଳାଚଳ, ହିମାଚଳ, ସୀମାଚଳ

(ଖ) ସୂକ୍ତି, ମୁକ୍ତି, ସାଧୂକ୍ତି, ବଧୂକ୍ତି

(ଗ) ଦିଗନ୍ତ, ଦିଗ୍‌ବଳୟ, ଜଗନ୍ନାଥ, ଦିଗ୍‌ଗଜ

(ଘ) ଉଚ୍ଚାସନ, ଉଚ୍ଚାରଣ, ଉଚ୍ଛେଦ, ଉଚ୍ଛନ୍ନ

(ଙ) ଦୁଶ୍ଚିନ୍ତା, ଦୁସ୍ତର, ଦୁଶ୍ଛେଦ୍ୟ, ନିଶ୍ଚୟ

୯. ମନଃ+ବାଞ୍ଛା = ମନୋବାଞ୍ଛା । ଏଠାରେ (ଃ) ବିସର୍ଗ 'ଓ' ରେ ପରିଣତ ହୋଇଛି । ସେହି 'ଃ' 'ଓ'ରେ ପରିଣତ ହେଉଥିବା ଆଉ ପାଞ୍ଚୋଟି ଶବ୍ଦ ଗଢ଼ ।

୧୦. ଯେଉଁ ଧାରାରେ 'ଦେବର୍ଷି' ଶବ୍ଦଟି ଗଠିତ ହୋଇଛି :- ତାହା ଉଲ୍ଲେଖ କର ଓ ସେହି ଧାରାରେ ଆଉ ଦୁଇଟି ଶବ୍ଦ ଗଢ଼ ।

୧୧. ନିମ୍ନରେ ବାମ ପାଖରେ କେତୋଟି ଶବ୍ଦ ଦିଆଯାଇଛି । ପ୍ରତ୍ୟେକ ଶବ୍ଦର ଡାହାଣ ପାଖ ଧାଡ଼ିରୁ ତା'ର ସନ୍ଧିଗତ ସମ୍ପର୍କ ଥିବା ଶବ୍ଦଟିକୁ ଆଣି ଯୋଡ଼ ।

(କ) ପରୀକ୍ଷା (ମୁନୀଶ୍ୱର, ନିରୀକ୍ଷା, ବାଗୀଶ)

(ଖ) ମହୋଦଧି - (ମହାସାଗର, ମହୋତ୍ସବ, ମହାପାପ)

(ଗ) ଅନୁଚ୍ଛେଦ - (ବିଚ୍ଛେଦ, ଉଚ୍ଛେଦ, ଉଚ୍ଛ୍ୱାସ)

(ଘ) ଜଗନ୍ନାଥ - (ଜଗଜ୍ଜନନୀ, ଜଗଦୀଶ୍ୱର, ଜଗନ୍ମୋହନ)

(ଙ) ନିଷ୍ଫଳ - (ନିର୍ଜନ, ନିରାଶ, ନିଷ୍ପାପ)

୧୨. ତଳ ବାକ୍ୟ ଗୁଡ଼ିକରେ ଥିବା ରେଖାଙ୍କିତ ପଦଗୁଡ଼ିକ ସ୍ଥାନରେ ସମାନ ଅର୍ଥବୋଧକ ବିସର୍ଗସନ୍ଧିଜନିତ ପଦ ଯୋଡ଼ି ବାକ୍ୟକୁ ଠିକ୍ ଭାବରେ ଲେଖ ।

(କ) ହରି ଜଣେ <u>ଲୋଭଶୂନ୍ୟ</u> ମଣିଷ ।

(ଖ) ପରମେଶ୍ୱରଙ୍କର <u>ଆକାର ନାହିଁ</u> ।

(ଗ) <u>ଧନବିହୀନ</u> ଜୀବନ ନିରର୍ଥକ ଅଟେ ।

(ଘ) <u>ଜନଶୂନ୍ୟ</u> ସ୍ଥାନରେ ବେଶୀ ସମୟ ରହିହେବ ନାହିଁ ।

❖❖❖